## ସଂକ୍ଷେପରେ

### ଅସ୍ଥିଶଲ୍ୟ ଚିକିତ୍ସା, ପରାମର୍ଶ ଶିବିର



କଣିହାଁ, ୨୦।୧୧ (ଡି.ଏନ.ଏ.): କଣିହାଁ ବ୍ଲକ ଅଞ୍ଚଳର ଯୁବ ସାମାଜିକ କର୍ମୀ ଓ ଟାକୁଆ ଗ୍ରାମର କଟକ ବଡ ମେଡିକାଲରେ କାର୍ଯ୍ୟରତ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ସୁଚିନ୍ତ ପ୍ରଧାନଙ୍କ ସହଯୋଗରେ କଣିହାଁ ମେଡିକାଲ ନିକଟରେ ଏକ ନିଃଶୁଳ୍କ ଅସ୍ଥିଶଲ୍ୟ ଚିକିତ୍ସା ଓ ପରାମର୍ଶ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡାକ୍ତର ପ୍ରଧାନଙ୍କ ସହ ସାମାଜିକକର୍ମୀ ସତ୍ୟରାମ ପ୍ରଧାନ, ସୁଚିତ୍ରା ସ୍ୱାଇଁ, ସନ୍ତୋଷ ମିଶ୍ର, କାହ୍ନରେ ବେହେରା ପ୍ରମୁଖ ସହଯୋଗ କରି ଡାକ୍ତରଙ୍କୁ ଶୁଭେଚ୍ଛା ଜଣାଇଲେ। ଉକ୍ତ କାର୍ଯ୍ୟକ୍ରମରେ କଣିହାଁ ହାଇସ୍କୁଲ ସହକାରୀ ଶିକ୍ଷକ ସିଦ୍ଧି ପ୍ରସାଦ ସାହୁ, ଦିଲୀପ କୁମାର ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ ଶିବିରରେ ୯୫ ଜଣଙ୍କୁ ଚିକିତ୍ସା ସହିତ ବିନା ମୂଲ୍ୟରେ ଔଷଧ ପ୍ରଦାନ କରାଯାଇଥିଲା। ଆଗାମୀ ଛୁଟି ଦିନରେ ଏପରି କାର୍ଯ୍ୟ ଜାରି ରହିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଯୁବ ଡାକ୍ତର ଓ ସାମଜିକ କର୍ମୀଙ୍କ ଏପରି କାର୍ଯ୍ୟକୁ ଅଞ୍ଚଳରେ ପ୍ରଶଂସା କରାଯାଇଛି।

### ପଢ଼ିବାକୁ ଆସି ଛାତ୍ରୀ ନିଖୋଜ

ଅନୁଗୋଳ ଅଫିସ, ୨୦।୧୧: ଅନୁଗୋଳ ସହରର ଜଣେ ୧୭ ବର୍ଷିୟା ଛାତ୍ରୀ ନିଖୋଜ ହୋଇଯାଇଛନ୍ତି। ଏ ନେଇ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୬୧୭/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଛାତ୍ରୀ ଜଣଙ୍କ ଏକ ଜୁନିୟର କଲେଜରେ ବିଜ୍ଞାନରେ ପଢୁଛନ୍ତି। ଶନିବାର କଲେଜ ଆସି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ତେବେ ସବୁଆଡୁ ନିରାଶ ହେବା ପରେ ଅନୁଗୋଳ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଆଖି ବୁଜୁଛନ୍ତି ଅଧିକ

**ସୁରକ୍ଷିତ ପ୍ରସବ ସମ୍ପର୍କରେ ବଣ୍ଟାଯାଉଛି ସଚେତନତାର ବାର୍ତ୍ତା। ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି ବିଭିନ୍ନ ଯୋଜନା ମାଧ୍ୟମରେ। ହେଲେ ଅନେକ ସମୟରେ ପ୍ରସବକୁ ସୁରକ୍ଷିତ କରିପାରୁନାହାନ୍ତି ସରକାର। ଏହି କାରଣରୁ ଚଳିତବର୍ଷ ଅନୁଗୋଳ ଜିଲାରେ ଆଖି ବୁଜୁଛନ୍ତି ଅଧିକ ପ୍ରସୂତି। ପୂର୍ବବର୍ଷ ଅପେକ୍ଷା ଜିଲାରେ ବଢୁଛି ମାତୃ ମୃତ୍ୟୁହାର।**

- ଅନୁଗୋଳ ଜିଲାରେ ବଢୁଛି ମାତୃ ମୃତ୍ୟୁହାର
- ଗତବର୍ଷକୁ ଟପିଗଲାଣି ୮ ମାସର ସଂଖ୍ୟା
- ମୃତଜାତ ଓ ନବଜାତ ଶିଶୁ ମୃତ୍ୟୁ ମଧ ଚିନ୍ତାଜନକ



ଅମିତ କୁମାର ସାମଲ
ଅନୁଗୋଳ ଅଫିସ, ୨୦।୧୧

ଶିଶୁ ଓ ମାତୃ ମୃତ୍ୟୁହାର ରୋକିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଏ ନେଇ ଅନୁଗୋଳ ଜିଲାରୁ ଆସିଥିବା ତଥ୍ୟ ବିଚଳିତ କରିଦେଉଛି ବୁଦ୍ଧିଜୀବୀଙ୍କୁ। ଗତବର୍ଷ ଅପେକ୍ଷା ଚଳିତବର୍ଷ ଜିଲାରେ ମାତୃ ମୃତ୍ୟୁ ହାରରେ ବୃଦ୍ଧି ପରିଲକ୍ଷିତ ହେଉଛି। ସେହିପରି ୨୦୨୦-୨୧ରେ ୪୮୭ ଶିଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ଚଳିତବର୍ଷ ଶେଷ ନ ହେଉଣୁ ୨୮୫ ଶିଶୁଙ୍କ ଜୀବନ ଯାଇସାରିଲାଣି।

ଜିଲା ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ମୁତାବକ, ୨୦୧୯-୨୦ ମସିହାରେ ଅନୁଗୋଳ ଜିଲାରେ ୧୭ ଜଣ ପ୍ରସୂତିଙ୍କ ମୃତ୍ୟୁ ହୋଇଥିଲା। ୨୦୨୦-୨୧ରେ ମଧ ସଂଖ୍ୟା ସମାନ ଥିଲା। ହେଲେ ୨୦୨୧ - ୨୨ ବର୍ଷରେ ମାତୃ ମୃତ୍ୟୁ ସଂଖ୍ୟା ୨୧ ହୋଇଗଲାଣି। ବର୍ଷ ଶେଷ ବେଳକୁ ଏହା ଆହୁରି ବୃଦ୍ଧି ପାଇବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ମୃତ ମା'ମାନଙ୍କ ମଧ୍ୟରୁ ବଣ୍ଟାଁରପାଳ ବ୍ଲକରେ ସର୍ବାଧିକ ୫ ଜଣ, କଣିହାଁ ବ୍ଲକରେ ୪, ଅନୁଗୋଳ ବ୍ଲକ ଓ ଆଠମଲ୍ଲିକ ବ୍ଲକରେ ୩ ଜଣ ଲେଖାଏ ଏବଂ ପାଲଲହଡ଼ା, କିଶୋରନଗର ଓ ତାଳଚେର ବ୍ଲକରେ ୨ ଜଣ ଲେଖାଏ ରହିଛନ୍ତି। ସେହିପରି ଜିଲାରେ ୨୦୧୯-୨୦ ବର୍ଷରେ ୫୦୧ ଜଣ ଶିଶୁ ମୃତ୍ୟୁମୁଖରେ ପଡ଼ିଥିଲେ। ୨୦୨୦-୨୧ ବର୍ଷରେ ଏହି ସଂଖ୍ୟା ସାମାନ୍ୟ ହ୍ରାସ ପାଇ ୪୮୭ରେ ଥିଲା। ହେଲେ ଚଳିତବର୍ଷ ଶିଶୁ ମୃତ୍ୟୁ ସଂଖ୍ୟା ୨୮୫ରେ ପହଞ୍ଚିଥିବା ଜଣାପଡ଼ିଛି। ୧୪୦ ଶିଶୁଙ୍କ ଜୀବନ ମା' ପେଟରୁ ଯାଇଛି। ଛେଣ୍ଡିପଦା ବ୍ଲକରୁ ଅଧିକ ସଂଖ୍ୟକ ଶିଶୁ ମୃତ୍ୟୁର ରିପୋର୍ଟ ଆସିଛି। ଏଠାରେ ୨୮ ଜଣ ମା' ପେଟରେ ଆଖି ବୁଜିଛନ୍ତି। ବଣ୍ଟାଁରପାଳ ବ୍ଲକରେ ୨୮ ଜଣ, ଅନୁଗୋଳ ବ୍ଲକରେ ୨୬, କିଶୋରନଗର ବ୍ଲକରେ ୨୧, ପାଲଲହଡ଼ାରେ ୧୫, ତାଳଚେରରେ ୧୦, କଣିହାଁରେ ୮, ଆଠମଲ୍ଲିକରେ ୪ ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ୩ ଜଣ ମଲାଛୁଆ ଜନ୍ମ ହୋଇଛନ୍ତି। ସେହିପରି ନବଜାତ ଶିଶୁ ମୃତ୍ୟୁ ସଂଖ୍ୟା ମଧ ଏହାଠାରୁ ଅଧିକ। ଚଳିତବର୍ଷ ଏହି ସଂଖ୍ୟା ୧୪୫ ହେଲାଣି। ଏମାନଙ୍କ ମଧ୍ୟରୁ ବଣ୍ଟାଁରପାଳ ବ୍ଲକରେ ୨୬, ତାଳଚେର ବ୍ଲକରେ ୨୨, କଣିହାଁରେ ୨୧, ପାଲଲହଡ଼ାରେ ୧୭, ଅନୁଗୋଳ ବ୍ଲକରେ ୧୬, ଆଠମଲ୍ଲିକ ଓ କିଶୋରନଗର ବ୍ଲକରେ ୧୫ ଲେଖାଏ, ଛେଣ୍ଡିପଦା ବ୍ଲକରେ ୮, ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ୫ ଜଣ ନବଜାତକଙ୍କ ପ୍ରାଣ ଯାଇଛି। ଗର୍ଭାବସ୍ଥାରୁ ପ୍ରସବ ପରବର୍ତ୍ତୀ ଯାଏ ମା' ଓ ନବଜାତକଙ୍କ ଯତ୍ନ ପାଇଁ ସରକାର ଏକାଧିକ ଯୋଜନା କରିଥିଲେ ବି ଅନୁଗୋଳ ଜିଲାରେ ଏହାର ସଫଳ କାର୍ଯ୍ୟକାରିତା ଉପରେ ଏହି ବର୍ଦ୍ଧିତ ମୃତ୍ୟୁହାର ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଆଇନ ଆସିବା ଆବଶ୍ୟକ



ସୁରକ୍ଷିତ ପ୍ରସବ ସହ ମା' ଓ ଶିଶୁଙ୍କ ଯତ୍ନ ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର ସତ୍ତ୍ୱେ ଅନେକେ ସଚେତନ ହେଉନାହାନ୍ତି। ବିଳମ୍ବରେ ମେଡିକାଲକୁ ଆସୁଥିବାରୁ ସୁରକ୍ଷିତ ପ୍ରସବ କରାଇବାରେ ସମସ୍ୟା ହେଉଛି। ଏଥିସହ ଶିଶୁଙ୍କ ଯତ୍ନ କିଭଳି ଭାବେ ନିଆଯିବ, ସେ ନେଇ ଆଶା ଓ ଅଙ୍ଗନୱାଡ଼ି ଦିଦିମାନଙ୍କ ପରାମର୍ଶକୁ ସେମାନେ ଠିକ୍ ଭାବେ ଗ୍ରହଣ କରୁନାହାନ୍ତି। ତେଣୁ ଏ ଦିଗରେ ସରକାର ଆଇନ ଆଣିବା ଆବଶ୍ୟକ।

-ଦେବାଶିଷ ପ୍ରଧାନ, ଡାକ୍ତର

### ପୁଷ୍ଟି ହୀନତା ରହୁଛି



ଗର୍ଭାବସ୍ଥାରେ ଆବଶ୍ୟକ ଯତ୍ନର ଅଭାବ ରହୁଛି। ଏପରିକି ଆଇରନ ଓ କ୍ୟାଲସିୟମ ମେଡିସିନ ମଧ ଠିକ୍ ଭାବେ ଗର୍ଭବତୀମାନେ ଖାଉନାହାନ୍ତି। ଫଳରେ କେତେକ ସ୍ଥାନରେ ପ୍ରସବ ସମୟରେ ରକ୍ତ ଶୂନ୍ୟତା, ପୁଷ୍ଟି ହୀନତା ଦେଖିବାକୁ ମିଳୁଛି। ଏହାଛଡ଼ା ଶେଷ ମୁହୂର୍ତ୍ତରେ ପ୍ରସୂତିଙ୍କୁ ମେଡିକାଲ ଅଣାଯିବା ମୃତ୍ୟୁର ମୁଖ୍ୟ କାରଣ ବୋଲି କୁହାଯାଉଛି। ଏଥିପ୍ରତି ଦୃଷ୍ଟି ଦେଲେ ମାତୃ ମୃତ୍ୟୁ ହାର କମିବ।

-ଡାକ୍ତର ଗୌରୀ ଶଙ୍କର ବଳ, ସ୍ତ୍ରୀ ଓ ପ୍ରସୂତି ବିଭାଗ

### ପ୍ରସବ ପୂର୍ବବର୍ତ୍ତୀ ଯତ୍ନ ଜରୁରୀ



ଅନେକ ଶିଶୁ ଉପଯୁକ୍ତ ସମୟ ପୂର୍ବରୁ ଜନ୍ମ ହେଉଛନ୍ତି। ସେହିପରି ପ୍ରସବ ଯନ୍ତ୍ରଣା ସହି ନ ପାରି କେତେକ ପିଲାଙ୍କ ମସ୍ତିଷ୍କ ଉପରେ ମଧ ଚାପ ରହୁଛି। ଏପରି ପିଲା ଜନ୍ମ ହେବା ପରେ ନିଃଶ୍ୱାସ ପ୍ରଶ୍ୱାସ ନେଇ ନ ପାରି ମୃତ୍ୟୁ ମୁଖରେ ପଡୁଛନ୍ତି। ଆଉ କେତେକ ସ୍ଥାନରେ ସଂକ୍ରମଣ ମଧ ଶିଶୁଙ୍କ ଜୀବନ ନେଉଛି। ତେଣୁ ପ୍ରସବ ପୂର୍ବରୁ ଠିକ୍ ଭାବେ ଡାକ୍ତରୀ ପରାମର୍ଶ ନେବା ଜରୁରୀ।

-ଡାକ୍ତର ନିରୋଦ ସାହୁ, ଶିଶୁ ବିଭାଗ

### ତୁରନ୍ତ ଚିକିତ୍ସା କରାଯାଉନାହିଁ



ଅଧିକାଂଶ ପରିବାର ସରକାରୀ ଡାକ୍ତରଖାନା ଉପରେ ନିର୍ଭରଶୀଳ। ହେଲେ ଏଠାକାର ତ୍ୱରିତ ଚିକିତ୍ସା, ସେବା ମନୋଭାବ ଓ ପରଷ୍କାର ପରିଚ୍ଛନ୍ନତା କିପରି ତାହା ନ କହିବା ଭଲ। ଅନେକ ସମୟରେ ପ୍ରସୂତିଙ୍କୁ ଉପଯୁକ୍ତ ଚିକିତ୍ସା ମିଳୁନାହିଁ। କେଉଁଠି ଡାକ୍ତର ନାହାନ୍ତି ତ କେଉଁଠି ଡାକ୍ତର ଓ ନର୍ସଙ୍କ ଇଚ୍ଛାରେ ସେବା ଦିଆଯାଉଛି। ଅପରେଶନ ପ୍ରକୋଷ୍ଠକୁ ଠିକ୍ ଭାବେ ସଂକ୍ରମଣମୁକ୍ତ କରାଯାଉ ନାହିଁ। ଗର୍ଭବତୀଙ୍କୁ ଆଣିବାକୁ କେବେ ଆମ୍ବୁଲାନ୍ସ ପହଞ୍ଚିପାରୁ ନାହିଁ ତ ପୁଣି କେଉଁ ଅଞ୍ଚଳକୁ ରାସ୍ତା ନାହିଁ। ଉପାନ୍ତ ଅଞ୍ଚଳରେ ସରକାରୀ ସଚେତନତାର ବାର୍ତ୍ତା ମଧ ପହଞ୍ଚିପାରୁ ନାହିଁ। ଏସବୁ ହିଁ ମାତୃ ଓ ଶିଶୁ ମୃତ୍ୟୁ ବୃଦ୍ଧିର କାରଣ ହେଉଛି।

-ନୀଳିମା ଜେନା, ଗୃହିଣୀ, ଅନୁଗୋଳ

## ଅସଦାଚରଣକୁ ବିରୋଧ କରିବାରୁ ଆକ୍ରମଣ

ଛେଣ୍ଡିପଦା,୨୦।୧୧(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଶୁକ୍ରବାର ଅସଦାଚରଣ ସହ ମାଡ଼ ମରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରେ ପୀଡ଼ିତା ଦର୍ଶାଇଛନ୍ତି, ରାତିରେ ତାଙ୍କ ସ୍ୱାମୀ ଘରେ ନ ଥିଲେ। ବିଳମ୍ବିତ ରାତିରେ ଅଭିଯୁକ୍ତ ମନୋରଞ୍ଜନ ଦେହୁରୀ ତାଙ୍କ ଘର କବାଟ ବାଡ଼େଇଥିଲେ। ସେ କବାଟ ନ ଖୋଲିବାରୁ ଅଭିଯୁକ୍ତ କବାଟ ଭାଙ୍ଗି ଘରେ ପଶିବା ସହ ତାଙ୍କୁ ଅସଦାଚରଣ କରିଥିଲେ। କୌଶଳକ୍ରମେ ସେ ଖସି ଆସି ଘଟଣା ସମ୍ପର୍କରେ ମନୋରଞ୍ଜନଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। କିନ୍ତୁ ପରିବାର ଲୋକମାନେ ମିଶି ତାଙ୍କୁ ମାଡ଼ ମାରିଥିଲେ। ଫୋନରେ ଖବର ପାଇ ତାଙ୍କ ସ୍ୱାମୀ ଘରକୁ ଆସିବା ବେଳେ ଅଭିଯୁକ୍ତଙ୍କ ପରିବାର ଲୋକ ଗାଳିଗୁଲଜ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଛେଣ୍ଡିପଦା ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ଖବରଦାତାଙ୍କୁ ସ୍ୱାସ୍ଥ୍ୟବୀମା କାର୍ଡ ବଣ୍ଟନ

ଆଠମଲ୍ଲିକ, ୨୦।୧୧ (ଡି.ଏନ.ଏ.)

ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଖବରଦାତାମାନଙ୍କୁ ସ୍ୱାସ୍ଥ୍ୟ ବିମା କାର୍ଡ ବଣ୍ଟନ କରାଯାଇଛି। ଉପଜିଲାପାଳ ତରଣୀ ସୁନା ଏହି କାର୍ଡ ବଣ୍ଟନ କରିଥିଲେ। ସହକାରୀ ଜିଲାପାଳ ତଥା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୁଳମଣି ଦଳେଇ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିନୟ ପଟ୍ଟନାୟକ, ଉଦୀପ୍ତ ପୁରୋହିତ, କମଳାକାନ୍ତ ମିଶ୍ର, ପରିକ୍ଷିତ ସାହୁ, ଜିତେନ ମୁଖି, ବିଶ୍ୱମ୍ବର ବେହେରା, ଅଶ୍ୱିନୀ ଖୁଣ୍ଟିଆ, ପ୍ରଣବ କୁମାର ଦେହୁରୀ, ବିଶ୍ୱଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟବୀମା କାର୍ଡ ଗ୍ରହଣ କରିଥିଲେ।

# ସହାୟତା ନ କରି ଭାଙ୍ଗିଦେଲେ ଘର



ତାଳଚେର, ୨୦।୧୧ (ନି.ପ୍ର.)

**ବସ୍ତି ବାସିନ୍ଦାଙ୍କ ପ୍ରତି ଅନ୍ୟାୟ ଅଭିଯୋଗ**

ତାଳଚେର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଦିଘି ହରିଜନ ବସ୍ତି ବାସିନ୍ଦାଙ୍କୁ ଏନ୍‌ଟିପିସି/ଟିଟିପିଏସ୍ କର୍ତ୍ତୃପକ୍ଷ କୌଣସି ସହାୟତା ନ ଦେଇ ତଥା ଥଇଥାନ ବ୍ୟବସ୍ଥା ନ କରି ସେମାନଙ୍କ ଝୁମ୍ପୁଡ଼ି ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବସ୍ତି ବାସିନ୍ଦାମାନେ ୨୦ ବର୍ଷ ହେବ ଥର୍ମାଲ ବାଇପାସ୍ ରାସ୍ତା ପାର୍ଶ୍ୱରେ ଝୁମ୍ପୁଡ଼ି କରି ରହି ଆସୁଥିଲେ। ବର୍ତ୍ତମାନ ଥର୍ମାଲ ପ୍ଲାଣ୍ଟର ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ବସ୍ତି ବାସିନ୍ଦାଙ୍କୁ ସେଠାରୁ ହଟି ଯିବା ପାଇଁ ପ୍ଲାଣ୍ଟ କର୍ତ୍ତୃପକ୍ଷ ନୋଟିସ ଜାରି କରିଥିଲେ। କିନ୍ତୁ ମୁଣ୍ଡ ଗୁଞ୍ଜିବା ପାଇଁ ଆଶ୍ରୟସ୍ଥଳ ନ ଥିବାରୁ ସେମାନେ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କୁ ଅନ୍ୟତ୍ର ଥଇଥାନ ତଥା ଅସ୍ଥାୟୀ ଘର କରିବା ପାଇଁ ସାମଗ୍ରୀ ବ୍ୟବସ୍ଥା କରିବାକୁ ନିବେଦନ କରିଥିଲେ। କିନ୍ତୁ କର୍ତ୍ତୃପକ୍ଷ ବସ୍ତି ବାସିନ୍ଦାଙ୍କୁ ସମସ୍ତ ସହାୟତା କରିବାର ପ୍ରତିଶ୍ରୁତି ଦେଇଥିଲେ ହେଁ ପରବର୍ତ୍ତୀ ସମୟରେ ସେଥିରୁ ଓହରିଯାଇ ତୁରନ୍ତ ସ୍ଥାନ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବସ୍ତି ବାସିନ୍ଦାମାନେ ଅନୁଗୋଳ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ସୁଫଳ ମିଳି ନ ଥିବା କହିଛନ୍ତି। ତେବେ ଥର୍ମାଲ ପ୍ଲାଣ୍ଟ କର୍ତ୍ତୃପକ୍ଷ ବଳପୂର୍ବକ ବସ୍ତି ଭାଙ୍ଗିବା କାର୍ଯ୍ୟ ଆରମ୍ଭ କରିଛନ୍ତି। ଫଳରେ ଅସହାୟ ବସ୍ତିବାସିନ୍ଦାମାନେ ଶୀତ, କାକରରେ ଖୋଲା ସ୍ଥାନରେ ପଡ଼ି ରହିଥିବା ଅଭିଯୋଗ କରିଛନ୍ତି।

# ଅମଳ ପୂର୍ବରୁ ଉଜାଡ଼ି ଦେଲେ ହାତୀ



ବଣ୍ଟାଁରପାଳ ବ୍ଲକ ବଉଳିଗଡ଼ରେ ପହଞ୍ଚିଥିବା ହାତୀପଲ।

ଅନୁଗୋଳ, ୨୦।୧୧ (ଡି.ଏନ.ଏ.)

**ବଉଳିଗଡ଼ ଚାଷୀ ହତାଶ**

ବଣ୍ଟାଁରପାଳ ବ୍ଲକ ବଉଳିଗଡ଼ରେ ବାରମ୍ବାର ହାତୀ ପଲ ପଶି ଧାନ ଫସଲ ନଷ୍ଟ କରୁଛନ୍ତି। ଏ ନେଇ ଅଭିଯୋଗ ହେଉଥିଲେ ମଧ ବନ ବିଭାଗ ପ୍ରତିକାର ବ୍ୟବସ୍ଥା କରୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଅମଳ ହେବାକୁ ଯାଉଥିବା ଫସଲକୁ ହାତୀ ଖାଇବା ସହ ପାଦରେ ଦଳି ଦେଉଥିବାରୁ ଚାଷୀମାନେ ହତାଶ ହୋଇପଡ଼ିଥିବା ଅଭିଯୋଗ କରିଛନ୍ତି।

ଚାଷୀମାନଙ୍କ କହିବା ଅନୁଯାୟୀ, ସନ୍ଧ୍ୟା ହେଲେ ହାତୀ ପଲ ଗ୍ରାମାଭିମୁଖୀ ହେଉଛନ୍ତି। ବହୁ ଏକର ଜମିରେ ହୋଇଥିବା ଧାନ ଫସଲ ଖାଇ ନଷ୍ଟ କରି ଦେଉଛନ୍ତି। ଏପରି କି ବାଡ଼ି ବଗିଚାରେ ପଶି କ୍ଷୟକ୍ଷତି ଘଟାଉଛନ୍ତି। ଆକ୍ରମଣ ଭୟରେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ବହୁ ଲୋକ ଧାର କରଜ କରି ଚାଷ କରିଛନ୍ତି। କିନ୍ତୁ ଅମଳ ପୂର୍ବରୁ ହାତୀପଲ ଏପରି ଭାବେ ପାଚିଲା ଧାନ ଫସଲ ନଷ୍ଟ କରିବା ଦେଖି ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ବନ ବିଭାଗ ହାତୀର ଗତିବିଧି ସମ୍ପର୍କରେ ଠିକ୍ ସୂଚନା ଦେଇପାରୁ ନାହିଁ କି କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ବ୍ୟବସ୍ଥା କରୁନାହିଁ। ଶନିବାର ରାତିରେ ହାତୀ ପଲ ପଶି ପୁଣି ଫସଲ ନଷ୍ଟ କରିଥିବାରୁ ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

# ଆନ୍ଦୋଳନ କରିବେ ଆଉଟସୋର୍ସିଂ କର୍ମଚାରୀ

କଣିହାଁ, ୨୦।୧୧ (ଡି.ଏନ.ଏ.)

କଣିହାଁ ବ୍ଲକର ସରକାରୀ କାର୍ଯ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀମାନେ ରବିବାର ଏକାଠି ହୋଇ ନ୍ୟାୟ ପାଇଁ ଲଢ଼େଇ କରିବାକୁ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଆଉଟସୋର୍ସିଂ ବ୍ୟବସ୍ଥା ଉଠାଇବା ସହିତ ସ୍ଥାୟୀ ନିଯୁକ୍ତି ଦାବିରେ ଏହି କର୍ମଚାରୀମାନେ ୬ଦିନ ହେଲା କଳାବ୍ୟାଜ ପରିଧାନ କରି ପ୍ରତିବାଦ କରିବା ସହିତ କାର୍ଯ୍ୟ କରୁଥିଲେ। କିନ୍ତୁ ରାଜ୍ୟ ସଂଘର ଦାବିକୁ ସରକାର କର୍ଣ୍ଣପାତ କରୁ ନ ଥିବାରୁ ଭୁବନେଶ୍ୱର ଠାରେ ଲଢେଇ ପାଇଁ ଟାକୁଆ ଗିରିଗୋବର୍ଦ୍ଧନ ପୀଠଠାରେ ଏହି ପ୍ରସ୍ତୁତି ବୈଠକ କରାଯାଇଥିଲା। ଜିଲା ସଂଘ ସଭାପତି ଯୁଗନ୍ନୟୀ ଦାସ, ସମ୍ପାଦକ ଗୋପାଳ କୃଷ୍ଣ ସାହୁ ଯୋଗଦେଇ ଦାବି ପୂରଣ ପାଇଁ ଲଢେଇରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଆସନ୍ତା ୨୬ ତାରିଖରେ ବ୍ଲକ ଅଞ୍ଚଳର ୬୫ରୁ ଅଧିକ ଆଉଟସୋର୍ସିଂ କର୍ମଚାରୀ ରାଜ୍ୟସଂଘ ଆହ୍ୱାନ କ୍ରମେ ଭୁବନେଶ୍ୱରଠାରେ ଆନ୍ଦୋଳନରେ ସାମିଲ ହେବେ ବୋଲି ସ୍ଥିର କରାଯାଇଥିଲା। ପଦ୍ମଲୋଚନ ସାହୁ, ଚନ୍ଦନ କୁମାର ସାହୁ, ସୁନୀଲ ଦାସ, ଅଖି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଯୋଗ ଦେଇଥିବା ଆଉଟସୋର୍ସିଂ କର୍ମଚାରୀମାନେ।

# ପ୍ରତିଭାର ପ୍ରଦର୍ଶନ ପରିଚୟ ଦେଇପାରିବ

ବଇଣ୍ଡା, ୨୦।୧୧ (ଡି.ଏନ.ଏ.)

ଗ୍ରାମାଞ୍ଚଳରେ ଅନେକ କଳାକାର ରହିଛନ୍ତି। ସେମାନଙ୍କ ପ୍ରତିଭାର ଉପଯୁକ୍ତ ପ୍ରଦର୍ଶନ ହୋଇପାରିଲେ ସେମାନେ ଏକ ପରିଚୟ ସୃଷ୍ଟି କରିପାରିବେ। ରବିବାର ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ବଙ୍ଗଳାଠାରେ ସଂସ୍କୃତି ଓ କଳା ପରିଷଦ ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। କଳା ପରିଷଦର ସଭାପତି ଅଶୋକ କୁମାର ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରକୁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ସଂସ୍କୃତି ଓ କଳା ପରିଷଦର ରାଜ୍ୟ ଅଧକ୍ଷ ଲକ୍ଷ୍ମୀଧର ସାହୁ, ରାଜ୍ୟ ସହ ସମ୍ପାଦକ ଶେଷଦେବ ସାହୁ, ରାଜ୍ୟ ସଂଯୋଜକ ବ୍ରହ୍ମାନନ୍ଦ କୁମ୍ଭାର, ଠାକୁରଗଡ଼ ସରପଞ୍ଚ ଚାରୁଲତା ମିଶ୍ର, ୱାର୍ଡମେମ୍ବର ମିତାଲି ପ୍ରଧାନ ଯୋଗଦେଇଥିଲେ। ଏଥିରେ ବିଭିନ୍ନ କଳା ସଂସ୍କୃତି ସମ୍ପର୍କରେ ଆଲୋଚନା କରାଯିବା ସହ ବିଭିନ୍ନ କଳାକୁ ସ୍ଥାନୀୟ ଅଞ୍ଚଳରେ ଥିବା କଳାକାରମାନେ ପ୍ରଦର୍ଶନ କରିଥିଲେ।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତାମାନେ।

# ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଖୋଲିବାକୁ ଦାବି

ଛେଣ୍ଡିପଦା,୨୦।୧୧ (ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡାଠାରେ ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଖୋଲିବା ପାଇଁ ୭ ପଞ୍ଚାୟତବାସୀ ଦାବି କରିଛନ୍ତି। ଏ ନେଇ ୭ଟି ପଞ୍ଚାୟତର ସରପଞ୍ଚ ଏକ ଚିଠି ଅନୁଗୋଳ ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ଓ ଅନୁଗୋଳ ଜିଲାପାଳଙ୍କ ନିକଟକୁ ପ୍ରେରଣ କରିଛନ୍ତି। ଚିଠିରେ ଦର୍ଶାଯାଇଛି, ଜରପଡା ବଜାର ଉପରେ ତୁକୁଡ଼ା, ଓଗୀ, ପରା, ଜେରଙ୍ଗ ଦେହୁରୀସାହି, କତଡ଼ା, ଦୁର୍ଗାପୁର ଏବଂ କୋରଡ଼ା ଆଦି ପଞ୍ଚାୟତର ପ୍ରାୟ ୪୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରୁଥିବା ବେଳେ ଗୋଟିଏ ମାତ୍ର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ରହିଛି। ଫଳରେ ସେଠାରେ ଦୈନିକ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ବିଶେଷକରି ବରିଷ୍ଠ ନାଗରିକ, ଭତ୍ତା ପାଇଁ ଆସୁଥିବା ବୃଦ୍ଧାବୃଦ୍ଧମାନେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆ ହେଉଛନ୍ତି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଜରପଡା ଠାରେ ଆଉ ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଖୋଲିବା ପାଇଁ ଅନୁଗୋଳ ଜିଲା ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ଓ ଜିଲାପାଳଙ୍କୁ ଚିଠିରେ ଅନୁରୋଧ କରାଯାଇଛି।

# ଶାଶୁଘର ସମ୍ମୁଖରେ ବୋହୂଙ୍କ ଧାରଣା

ଛେଣ୍ଡିପଦା,୨୦।୧୧(ସ୍ୱ.ପ୍ର.)



ନ୍ୟାୟ ଦାବିରେ ଶାଶୁଘର ସମ୍ମୁଖରେ ବୋହୂ ଧାରଣାରେ ବସିଛନ୍ତି।

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୁକୁରପେଟା ଗାଁର ଜଣେ ବୋହୂ ନ୍ୟାୟ ଦାବିରେ ଶାଶୁଘର ସମ୍ମୁଖରେ ୩ ଦିନ ହେଲା ଧାରଣା ଦେଇଛନ୍ତି। ତାଙ୍କୁ ଯୌତୁକ ନିର୍ଯାତନା ଦିଆଯାଇ ଦୀର୍ଘଦିନ ହେଲା ଶାଶୁଘରୁ ବାହାର କରିଦିଆଯାଇଥିବା ସେ ଅଭିଯୋଗ କରିବା ସହ ନ୍ୟାୟ ଦାବିରେ ଧାରଣା ଦେଇଥିବା ପ୍ରକାଶ କରିଛନ୍ତି।

ମହିଳାଙ୍କ ଅଭିଯୋଗ ଅନୁଯାୟୀ, ୭ବର୍ଷ ତଳେ ସେ କୁକୁରପେଟା ଗ୍ରାମରେ ବୈଦିକ ରୀତିରେ ବିବାହ କରିଥିଲେ। ହେଲେ ବିବାହର କିଛି ବର୍ଷ ପରେ ଶାଶୁ ଘର ଲୋକେ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେବା ସହ ଘରୁ ବାହାର କରି ଦେଇଥିଲେ। ଗ୍ରାମ ଓ କୃଷକ ସମାଜରେ ଏହାର ସମାଧାନ କରାଯାଇଥିଲେ ମଧ ଶାଶୁଘର ଲୋକେ ତାଙ୍କୁ ଆଉ ଘରେ ପୂରାଇ ନ ଥିଲେ। ପରେ ସେ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ମାମଲା ଏବେ ଅଦାଲତରେ ବିଚାରାଧୀନ ରହିଛି। ଦୀର୍ଘଦିନ ଅପେକ୍ଷା ପରେ ସେ ଗ୍ରାମର ସାମାଜିକ ବୈଠକରେ ଅଭିଯୋଗ କରିଥିଲେ। ବାପଘରୁ ଆଣିଥିବା ସମସ୍ତ ସାମଗ୍ରୀ ଫେରସ୍ତ କରିବା ନଚେତ ତାଙ୍କୁ ଶାଶୁଘରେ ରହିବାକୁ ଦିଆଯିବା ପାଇଁ ବୈଠକରେ ଚୁକ୍ତିନାମା ହୋଇଥିଲା। ହେଲେ ଏହାକୁ ତାଙ୍କ ସ୍ୱାମୀ ମାନି ନ ଥିଲେ। ଏପରି କି କିଛି ମାସ ତଳେ ସ୍ୱାମୀ ଦ୍ୱିତୀୟ ବିବାହ କରିଥିବା ସେ ଖବର ପାଇବା ପରେ ଶାଶୁଘର ଘର ସମ୍ମୁଖରେ ନ୍ୟାୟ ଦାବିରେ ୩ ଦିନ ହେବ ନ୍ୟାୟ ଧାରଣାରେ ବସିଛନ୍ତି। କିନ୍ତୁ ନ୍ୟାୟ ଦେବା ପରିବର୍ତ୍ତେ ଶାଶୁଘର ଲୋକେ ଘରେ ତାଲା ପକାଇ ଫେରାର ହୋଇଯାଇଥିବା ସମ୍ପୃକ୍ତ ମହିଳା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଛେଣ୍ଡିପଦା ଥାନା ଆଇଆଇସି ଧୀରେନ କୁମାର ବେହେରା କହିଛନ୍ତି, ମହିଳାଙ୍କ ଅଭିଯୋଗ ଆଧାରରେ ୨୦୧୬ରେ ଥାନାରେ ମାମଲା (ନଂ. ୧୧୭) ରୁଜୁ ହୋଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଉକ୍ତ ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ମହିଳାଙ୍କ ଧାରଣା ସମ୍ପର୍କରେ ପୋଲିସ ନିକଟରେ କୌଣସି ସୂଚନା ନାହିଁ ବୋଲି ଆଇଆଇସି ପ୍ରକାଶ କରିଛନ୍ତି।

# ଆରମ୍ଭରୁ ଝୁଣ୍ଟିଲାଣି ଆୟୁଷ ହସ୍ପିଟାଲ

ଲାଗିନାହିଁ ଆନୁଷଙ୍ଗିକ ଉପକରଣ। ହସ୍ତାନ୍ତର ହେବା ଦିନରୁ ହୋଇନାହିଁ ଡାକ୍ତର ନିଯୁକ୍ତି କିମ୍ବା ଦିନଟିଏ ଆସିନାହିଁ ରୋଗୀଙ୍କ ସେବାରେ। କେବଳ ଜଣେ ଠିକା ଜଗୁଆଳିଙ୍କ ଭରସାରେ ଛାଡ଼ି ଦିଆଯାଇଛି ୮ କୋଟି ଟଙ୍କା ବ୍ୟୟରେ ନିର୍ମିତ କୋଠା। ସେଥିରେ ମାସକୁ ବିଦ୍ୟୁତ୍ ବିଲ୍ ଆସୁଛି ୨୩ ହଜାରରୁ ଅଧିକ ଟଙ୍କା। ବକେୟା ବଢ଼ି ବଢ଼ି ୨ ଲକ୍ଷରେ ପହଞ୍ଚିଥିବାବେଳେ ବିଜୁଳି ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଛି। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଅବହେଳାରୁ ଢେଙ୍କାନାଳରେ ନବନିର୍ମିତ ଆୟୁଷ ହସ୍ପିଟାଲ ପରିଚାଳନାରେ ଏଭଳି ଅବ୍ୟବସ୍ଥା ଦେଖାଦେଇଥିବାବେଳେ ଏହି ବହୁମୁଖୀ ସ୍ୱାସ୍ଥ୍ୟ ଅନୁଷ୍ଠାନ ଆରମ୍ଭରୁ ଝୁଣ୍ଟିପଡ଼ିଥିବା ଅଭିଯୋଗ କରିଛନ୍ତି ବୁଦ୍ଧିଜୀବୀ।


ଆୟୁଷ ଚିକିତ୍ସାଳୟ କୋଠା।

- ୮ କୋଟି ଖର୍ଚ୍ଚ, ସେବାରେ ଲାଗୁନାହିଁ
- ମାସିକ ବିଦ୍ୟୁତ୍ ବିଲ୍ ୨୩ ହଜାର ଟଙ୍କା
- ୨ ଲକ୍ଷ ଟଙ୍କା ବକେୟା, ସଂଯୋଗ ବିଚ୍ଛିନ୍ନ

(ରତନ ନାୟାର)
**ଢେଙ୍କାନାଳ ଅଫିସ, ୨୦।୧୧**

ଢେଙ୍କାନାଳ ସହର ଉପକଣ୍ଠ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱ ତଥା ଜିଲା ପରିଷଦ କାର୍ଯ୍ୟାଳୟ ନିକଟରେ ପ୍ରତିଷ୍ଠିତ ହୋଇଛି ୫୦ ଶଯ୍ୟା ବିଶିଷ୍ଟ ଆୟୁଷ ହସ୍ପିଟାଲ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଭାଗିତାରେ ନିର୍ମିତ ଏହି ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଖର୍ଚ୍ଚ କରାଯାଇଛି ପ୍ରାୟ ୮ କୋଟି ଟଙ୍କା। ୩ ମହଲା ବିଶିଷ୍ଟ ଏହି କୋଠା ପୂର୍ଣ୍ଣାଙ୍ଗ ରୂପ ନେବା ପରେ ୨୦୨୧ରୁ ପୂର୍ତ୍ତ ବିଭାଗ ପକ୍ଷରୁ ଆୟୁଷ ବିଭାଗକୁ ହସ୍ତାନ୍ତର କରାଯାଇଛି। ହେଲେ ଏହାକୁ କାର୍ଯ୍ୟକ୍ଷମ କରିବାକୁ କେହି ଦେଖାଉନାହାନ୍ତି ସାମାନ୍ୟ ଆନ୍ତରିକତା, ଯାହାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି ସହରବାସୀ।

କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ନିର୍ମିତ ଏହି ଚିକିତ୍ସାଳୟରେ କେନ୍ଦ୍ର ସରକାର ୬୦% ଓ ରାଜ୍ୟ ସରକାରଙ୍କ ୪୦% ଅର୍ଥ ବିନିଯୋଗ ହୋଇଛି। ଏଠାରେ ଆୟୁର୍ବେଦିକ୍, ହୋମିଓପାଥିକ୍ ଚିକିତ୍ସା ସେବା ମିଳିବ। ଏଥିସହ ଏଲୋପାଥିକ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଭାବେ ଗୋଟିଏ ପ୍ରକୋଷ୍ଠ ରହିବ। ଆକାଂକ୍ଷା ଜିଲା ଢେଙ୍କାନାଳର ରୋଗୀମାନେ ଯେପରି ଅତ୍ୟାଧୁନିକ ଚିକିତ୍ସା ସେବା ପାଇପାରିବେ ଏଠାରେ ସେ ସମସ୍ତ ବ୍ୟବସ୍ଥା କରାଯାଇଛି। ଅତ୍ୟାଧୁନିକ ଲିଫ୍ଟଠାରୁ ଆରମ୍ଭ କରି ବିଦ୍ୟୁତୀକରଣକୁ ଧ୍ୟାନ ଦିଆଯାଇଛି। ଚିକିତ୍ସା ସମ୍ପର୍କିତ ଆନୁଷଙ୍ଗିକ ଉପକରଣ କିଣିବା ନିମନ୍ତେ ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରାୟ ୩କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟକୁ ଦିଆଯାଇଛି। ହେଲେ ଅଦ୍ୟାବଧି ଉପକରଣ ଲାଗିବା ତ ଦୂରର କଥା କିଣା ମଧ୍ୟ ହୋଇପାରିନାହିଁ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ରୋଗୀଙ୍କ ସେବା ପାଇଁ ଅଦ୍ୟାବଧି ଡାକ୍ତର କିମ୍ବା ସହାୟକ କର୍ମଚାରୀ ନିଯୁକ୍ତି ହୋଇ ପାରି ନ ଥିବାବେଳେ ମାତ୍ର ଜଣେ ଜଗୁଆଳିଙ୍କୁ ଠିକାରେ ରଖାଯାଇଛି। ସମଗ୍ର କୋଠାରେ ବିଦ୍ୟୁତୀକରଣ ସରିଥିବାବେଳେ ସର୍ବନିମ୍ନ ଦେୟ ବାବଦକୁ ମାସିକ ୨୩ ହଜାରରୁ ଅଧିକ ଟଙ୍କା ଲେଖାଏ ବିଲ୍ ଆସୁଛି। ବକେୟା ପ୍ରଦାନ କରାଯାଉ ନ ଥିବାରୁ ଏବେ ଏହା ବଢ଼ି ବଢ଼ି ୨ ଲକ୍ଷ ଟଙ୍କାରେ ପହଞ୍ଚିଲାଣି। ମାତ୍ରାଧିକ ଦେୟ ବକେୟା ପଡ଼ିଥିବାରୁ ନିକଟରେ ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଥିବା ଜଣାପଡ଼ିଛି। ରୋଗୀଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯିବା ସତ୍ତ୍ୱେ ୧ ବର୍ଷରୁ ଅଧିକ ସମୟ ହେଲା ଆୟୁଷ ଡାକ୍ତରଖାନା କାର୍ଯ୍ୟକ୍ଷମ ହୋଇ ନ ପାରିବା ଆଲୋଚନାର ବିଷୟ ପାଲଟିଛି।

ଏ ସଂକ୍ରାନ୍ତରେ ଜିଲା ଆୟୁର୍ବେଦିକ ମେଡିକାଲ ଅଫିସର ଅଭିମନ୍ୟୁ ନାୟକ କୁହନ୍ତି, ୨୦୨୧ରେ ୫୦ ଶଯ୍ୟା ବିଶିଷ୍ଟ ନୂତନ ଆୟୁଷ ହସ୍ପିଟାଲ କାର୍ଯ୍ୟ ସରିଥିଲା। ତେବେ ଅଦ୍ୟାବଧି ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ମାସକୁ ୨୩ ହଜାରରୁ ଅଧିକ ଟଙ୍କା ବିଲ୍ ଆସୁଥିବାବେଳେ ବିଦ୍ୟୁତ୍ ବିଚ୍ଛିନ୍ନ କରିଦିଆଯାଇଛି। ରାଜ୍ୟ ଆୟୁଷ ନିର୍ଦ୍ଦେଶକ ଭୂମେଶ ଚନ୍ଦ୍ର ବେହେରା କୁହନ୍ତି, ଢେଙ୍କାନାଳରେ ୮ କୋଟି ଟଙ୍କା ବ୍ୟୟରେ ୫୦ ଶଯ୍ୟା ବିଶିଷ୍ଟ ଆୟୁଷ ଚିକିତ୍ସାଳୟ ନିର୍ମିତ ହୋଇଛି। ଏଠାରେ ହୋମିଓପାଥିକ, ଏଲୋପାଥିକ ଚିକିତ୍ସା ସେବା ମିଳିବ। ଜଣେ ଡାକ୍ତରଙ୍କ ଦ୍ୱାରା ଏଲୋପାଥିକ ଚିକିତ୍ସା କରାଯିବ। ଚିକିତ୍ସା ଉପକରଣ ପାଇଁ ବ୍ୟୟ ଅଟକଳ କରାଯାଇଛି। ତେବେ ଅଦ୍ୟାବଧି ଏହା ଲାଗିପାରିନାହିଁ ବୋଲି ସେ ସୂଚନା ଦେଇଛନ୍ତି।



ସନ୍ଧ୍ୟାତାରା ସାହିତ୍ୟ ସଂସଦର ଚର୍ଚ୍ଚା କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

# 'ସଫଳ ବ୍ୟକ୍ତି ମାର୍ଜିତ ହେବା ଜରୁରୀ'

**ସନ୍ଧ୍ୟାତାରା ସାହିତ୍ୟ ସଂସଦ ପକ୍ଷରୁ ଆଲୋଚନା**

**ଢେଙ୍କାନାଳ ଅଫିସ, ୨୦।୧୧**

ଢେଙ୍କାନାଳ ସନ୍ଧ୍ୟାତାରା ସାହିତ୍ୟ ସଂସଦ ପକ୍ଷରୁ ରବିବାର କାଠଗଡ଼ାସ୍ଥିତ ଅନୁଷ୍ଠାନ ପରିସରରେ 'ସଫଳତାର ଔଦ୍ଧତ୍ୟ-ବିଫଳତାର ଗ୍ଲାନି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଗ୍ରନ୍ଥକାର ତଥା ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ ଯୋଗଦେଇ କହିଲେ, ସମାଜରେ ସଫଳ ଲୋକ ସବୁବେଳେ ଭଦ୍ର ଓ ମାର୍ଜିତ ହେବା ଜରୁରୀ। ଔଦ୍ଧତ୍ୟର କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ। କୌଣସି ବ୍ୟକ୍ତିର ବିଫଳତା ପାଇଁ ସମାଜ ଦାୟୀ ନୁହେଁ। କିଛି ଲୋକଙ୍କ ଔଦ୍ଧତ୍ୟ ଓ ଗ୍ଲାନି ପାଇଁ ସମାଜରେ ବିଭ୍ରାଟ ହେଉଛି। ରାଷ୍ଟ୍ର ଓ ସମାଜ ମଧ୍ୟରେ ସମ୍ପର୍କ ଜଟିଳ । ରାଷ୍ଟ୍ରଶକ୍ତି ସବୁବେଳେ ବଢ଼ିବା ଆବଶ୍ୟକ ବୋଲି କହିଥିଲେ। ସେ ନିକଟ ଭବିଷ୍ୟତରେ ସମ୍ବଲପୁରସ୍ଥିତ ଆଇଆଇଏମ୍‌ରେ ଅଧ୍ୟାପନା କରିବେ ବୋଲି ସୂଚନା ଦେଇଥିଲେ। ସଂସଦର ସଭାପତି ବିଶିଷ୍ଟ ଶିକ୍ଷାବିତ୍ ଭବାନୀ ଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଶରତ ମିଶ୍ର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହାପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିପୂର୍ବରୁ ଅପରାହ୍ନ ସାଢ଼େ ୩ଟାରେ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

# ସ୍ତ୍ରୀ, ଭିଣୋଇ ରଚିଥିଲେ ହତ୍ୟା ଷଡ଼ଯନ୍ତ୍ର


ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

**କ୍ରେନ୍ ଅପରେଟରଙ୍କୁ ଗୁଳିମାଡ଼ ଘଟଣା**
- ୩ ଗିରଫ, ଗୁଳି ଜବତ
- କୋମାରେ ରବି କୁମାର

**ଢେଙ୍କାନାଳ ଅଫିସ, ୨୦।୧୧**

ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ଟାଟାଷ୍ଟିଲ୍ ମେରାମଣ୍ଡଳୀ କମ୍ପାନୀ ନିକଟ ତାଳବାହାଳି ଗ୍ରାମ ରାସ୍ତା ପାର୍ଶ୍ୱରେ ଗତ ୧୪ ତାରିଖ ପୂର୍ବାହ୍ନ ୧୦ଟାରେ କ୍ରେନ୍ ଅପରେଟର ରବି କୁମାରଙ୍କୁ ଗୁଳିମାଡ଼ ହୋଇଥିଲା। ଏହି ଘଟଣାର ରହସ୍ୟ ଖୋଲିଛି ପୋଲିସ। ଭିଣୋଇ ଏବଂ ଶଳା ଭାଉଜଙ୍କ ମଧ୍ୟରେ ଗଢ଼ି ଉଠିଥିବା ପରକୀୟା ସମ୍ପର୍କ ପ୍ରଘଟ ହୋଇଯିବା ପରେ ରବିଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରାଯାଇଥିଲା। କମ୍ପାନୀରୁ ଘରକୁ ଫେରିବା ବାଟରେ ଭିଣୋଇ ରାହୁଲ କୁମାର (୩୭) ତାଙ୍କୁ ଗୁଳିମାଡ଼ କରିଥିଲେ। ଏହି ଘଟଣାର ତଦନ୍ତ କରି ମୋଟଙ୍ଗା ଓ କଣ୍ଟାବଣିଆ ଥାନା ପୋଲିସ ରବିଙ୍କ ସ୍ତ୍ରୀ ଶ୍ୱେତା ଦେବୀ (୨୭), ଭିଣୋଇ ରାହୁଲ ଏବଂ ତାଙ୍କ ସହଯୋଗୀ ଗୌତମ କୁମାର (୩୦)ଙ୍କୁ ରବିବାର ଗିରଫ କରିଛି। ଅପରାହ୍ନରେ ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି. ଏ ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ବିହାର ରାଜ୍ୟ ନାଳନ୍ଦା ଜିଲା ଇସଲାଓ ଥାନା ଚାନ୍ଦିମାଓ ଗ୍ରାମର ରବି କୁମାର ଟାଟାଷ୍ଟିଲ୍ ମେରାମଣ୍ଡଳୀ କମ୍ପାନୀରେ ନିୟୋଜିତ ଠିକାସଂସ୍ଥା ରାକେଶ କଶ୍ୟପ ଆଣ୍ଡ କମ୍ପାନୀରେ କ୍ରେନ୍ ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ସ୍ତ୍ରୀ ଶ୍ୱେତା ଦେବୀ ଗ୍ରାମରେ ରହୁଥିବାବେଳେ ମଝିରେ ମଝିରେ ସ୍ୱାମୀଙ୍କ ପାଖକୁ ଆସୁଥିଲେ। ଉକ୍ତ ଠିକାସଂସ୍ଥାରେ ବିହାର ରାଜ୍ୟ ଲଖିସରାଇ ଜିଲା ଖିନୁଆରା ଗ୍ରାମର ରବିଙ୍କ ଭିଣୋଇ ତଥା ରାହୁଲ ଏବଂ ନାବଡା ଜିଲା ଆକବରପୁର ଥାନା ଲଖମୋହନା ଗ୍ରାମର ଗୌତମ କୁମାର ମଧ୍ୟ କ୍ରେନ୍ ଅପରେଟର ଭାବେ କାମ କରୁଥିଲେ। ଇତିମଧ୍ୟରେ ରାହୁଲ ଏବଂ ଶ୍ୱେତାଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ଗଢ଼ି ଉଠିଥିଲା। ଏହା ପ୍ରଘଟ ହେବା ପରେ ରବି ଓ ରାହୁଲଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏହାପରେ ଶ୍ୱେତା, ରାହୁଲ ଏବଂ ଗୌତମ ମିଶି ରବିଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ। ଘଟଣା ଦିନ ରବି କାମସାରି ବସାକୁ ଫେରୁଥିବା ବେଳେ ରାହୁଲ ଏକ ଦେଶୀ ପିସ୍ତଲରୁ ଖୁବ୍ ନିକଟରୁ ତାଙ୍କ ମୁଣ୍ଡକୁ ଗୁଳିମାଡ଼ କରିଥିଲେ। ଅପରାଧ ଉପରେ ପରଦା ଢାଙ୍କିବାକୁ ଯାଇ ରାହୁଲ ନିଜେ ରବିଙ୍କୁ ଆମ୍ବୁଲାନ୍ସରେ ଅନୁଗୋଳ ଏବଂ ପରେ କଟକ ନେଇଥିଲେ। ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ନିଜର କଳାରଙ୍ଗର ରକ୍ତ ଲଗା ଜ୍ୟାକେଟ୍ ଏବଂ ଶାର୍ଟ ତଳବାହାଳି ନିକଟ ଜଙ୍ଗଲରେ ଲୁଚାଇ ଦେଇଥିଲେ। ଗୌତମଙ୍କୁ ପିସ୍ତଲ ଦେଇ ଦେଇଥିଲେ। କଟକର ଏକ ଘରୋଇ ଚିକିତ୍ସାଳୟରେ ରବି ଚିକିତ୍ସାଧୀନ ଥିବାବେଳେ ଅଭିଯୁକ୍ତ ରାହୁଲ ପୋଲିସକୁ ଭୁଆଁ ବୁଲାଇବାକୁ ତାଙ୍କ ନିକଟରେ ଉପସ୍ଥିତ ଥିଲେ। ଏଭଳି ଏକ ଗୁଳିକାଣ୍ଡ ପଛର କାରଣ ଜାଣିବାକୁ ପୋଲିସ ତଦନ୍ତ ଆରମ୍ଭ କରିଥିବାବେଳେ ଫୋନ୍ କଲ୍ ଟ୍ରାକିଂରୁ ସୁରାକ ମିଳିଥିଲା। ଏହାପରେ କଟକସ୍ଥିତ ଉକ୍ତ ଘରୋଇ ଚିକିତ୍ସାଳୟରୁ ରାହୁଲଙ୍କୁ, ଶ୍ୱେତାଙ୍କୁ ବିହାରରୁ ଏବଂ ଗୌତମଙ୍କୁ ତଳବାହାଳି ଅଞ୍ଚଳରୁ ଗିରଫ କରାଯାଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶରେ ଏବଂ ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ଚଢ଼ାଉରେ କଣ୍ଟାବଣିଆ ଥାନାଧିକାରୀ ସବିତା ପାତ୍ର, ଏସ୍‌ଆଇ ସସ୍ମିତା ପାଲ୍, ମୋଟଙ୍ଗା ଥାନାଧିକାରୀ ନିରଞ୍ଜନ ସେଠୀ ପ୍ରମୁଖ ସାମିଲ ହୋଇଥିଲେ। ଗୁଳିକାଣ୍ଡରେ ବ୍ୟବହୃତ ଗୁଳି ଜବତ କରାଯାଇଛି। ଖୁବ୍‌ଶୀଘ୍ର ପିସ୍ତଲ ଜବତ କରାଯିବ ବୋଲି ଏସ୍‌ପି କହିଛନ୍ତି। ଅନ୍ୟପଟେ ରବିକୁମାର ଆଇସିୟୁରେ କୋମାରେ ଅଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ଜଣାପଡ଼ିଛି।


ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ପ୍ରତିଯୋଗିତାର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# ଫାଇନାଲରେ ଭୁବନେଶ୍ୱର

**ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ**

**ଢେଙ୍କାନାଳ ଅଫିସ, ୨୦।୧୧**

ଢେଙ୍କାନାଳ ଷ୍ଟାଡିୟମ୍‌ରେ ଚାଲିଥିବା ୪ର୍ଥ ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ ପ୍ରତିଯୋଗିତାର ରବିବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ଜଗା ୟୁନାଟେଡ୍ କ୍ଲବ ଭୁବନେଶ୍ୱର ୧-୦ ଗୋଲ୍‌ରେ ସନରାଇଜ କ୍ଲବ କଟକକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ସଂଘର୍ଷପୂର୍ଣ୍ଣ ପ୍ରଥମାର୍ଦ୍ଧରେ ଭୁବନେଶ୍ୱରର ୬ନଂ. ଖେଳାଳି ସୋନୁ ନାୟକ ଏକମାତ୍ର ଗୋଲ୍ ସ୍କୋର କରିଥିଲେ। ତାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା।

ମୁଖ୍ୟ ରେଫରି ଭାବେ କିଷାନ ଦାସ, ସହଯୋଗୀ ଭାବେ ଅରୁଣ ନାୟକ, ଆଶୀର୍ବାଦ କାନୁନ୍‌ଗୋ, ଶଶିକାନ୍ତ ଦାସିଆ ମ୍ୟାଚ୍ ପରିଚାଳନା କରିଥିଲେ। ମାୟାଧର ସାହୁ ମ୍ୟାଚ କମିଶନର ଥିଲେ। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଅଲ୍ ଇଣ୍ଡିଆ ଫୁଟ୍‌ବଲ ଡେଭେଲପମେଣ୍ଟ କମିଟି ସଭାପତି ଅଭିଜିତ୍ ପାଲ, ସାମାଜିକ କର୍ମୀ ଅଶୋକ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସରୋଜ କୁମାର ପାଢ଼ୀ ଧାରା ବିବରଣୀ ପ୍ରଦାନ କରିଥିଲେ। ସମ୍ପାଦକ ନଳିନୀ ଦାସ, ଉପସଭାପତି ସଞ୍ଜୟ ଭଞ୍ଜ ଉପସ୍ଥିତ ଥିଲେ। ସୋମବାର ପପୁଲାର କ୍ଲବ ଢେଙ୍କାନାଳ ଏବଂ ହାଇଦ୍ରାବାଦ ଆର୍ଟିଲେରୀ ଆନ୍ଧ୍ରପ୍ରଦେଶ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

# 'ଦୁର୍ନୀତି ହଟିଲେ ଅଭାବ ରହିବ ନାହିଁ'

**ଢେଙ୍କାନାଳ ଅଫିସ, ୨୦।୧୧**

ଢେଙ୍କାନାଳ ସହର ଦକ୍ଷିଣକାଳୀ ରୋଡ୍‌ସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆମ୍ ଆଦମୀ ପାର୍ଟି (ଏଏପି) ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ଯୋଗଦେଇ କହିଲେ, ଦଳ ବିକଳ୍ପ ରାଜନୀତିରେ ବିଶ୍ୱାସ କରେ। ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପାଣି, ରୋଜଗାର ପ୍ରସଙ୍ଗ ନେଇ ଲୋକଙ୍କ ପାଖକୁ ଯିବୁ। ଯୁବ ଓ ମହିଳା ମୋର୍ଚ୍ଚାକୁ ସଶକ୍ତ କରି ଯୁବ ସମ୍ମିଳନୀ ଆୟୋଜନ କରାଯିବ। ଆଦିବାସୀଙ୍କ ସମସ୍ୟାକୁ ନେଇ ପେସା ଆଇନକୁ ଲାଗୁ କରିବା ପାଇଁ ଆନ୍ଦୋଳନ କରାଯିବ। ଦୁର୍ନୀତି ରୋକାଯାଇପାରିଲେ ଟଙ୍କାର ଅଭାବ ରହିବ ନାହିଁ। ଓଡ଼ିଶାବାସୀ ମୌଳିକ ସୁବିଧା ପାଇପାରିବେ ବୋଲି ସେ କହିଥିଲେ। ପୂର୍ବାହ୍ନରେ ଆବାହକ ପଙ୍କଜ କୁମାର ନାୟକଙ୍କ ଆବାହକତ୍ୱରେ ସଂସଦୀୟ କାର୍ଯ୍ୟକର୍ତ୍ତା, ମହିଳା ପ୍ରତିନିଧି ଓ ଯୁବ ସଙ୍ଗଠନଙ୍କୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସଚ୍ଚୋଟ ଓ ଶିକ୍ଷିତ ଲୋକ ରାଜନୀତିକୁ ଆସିଲେ ଓଡ଼ିଶାର ଭାଗ୍ୟ ବଦଳିବ ବୋଲି ମତପ୍ରକାଶ ପାଇଥିଲା। ସ୍ନେହଲତା ମହାନ୍ତି, ବିଷ୍ଣୁ ପ୍ରସାଦ ପଣ୍ଡା, ରମେଶ ଚନ୍ଦ୍ର ପଣ୍ଡା, ପର୍ଶୁରାମ ମହାଭୋଇ, ବିକ୍ରମ ରାଉତ, ପୀତାମ୍ବର ଦାସ, ଶରତ ଚନ୍ଦ୍ର ଗିରି, ପ୍ରକାଶ ବିଶ୍ୱାଳ, ରାଜକୁମାର ପ୍ରଧାନ, ଲକ୍ଷ୍ମଣ ନାଏକ, ପୁରୁଷୋତ୍ତମ ସ୍ୱାଇଁ, ସଞ୍ଜୟ ମହାରଣା, ରଞ୍ଜନ ସାହୁ, ଜିତେନ୍ଦ୍ର ବେହେରା ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

# ପୁରୀକୁ ହରାଇ ଭୁବନ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଭୁବନ ଟିମ୍‌ର ଖେଳାଳି।

**ଆନ୍ତଃକଲେଜ ଖୋ ଖୋ ଉଦ୍‌ଯାପିତ**

**ଭୁବନ, ୨୦।୧୧ (ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ମହିଳା ଡିଗ୍ରୀ କଲେଜ ଖେଳପଡ଼ିଆରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଅଧୀନ ୯ କଲେଜକୁ ନେଇ ଚାଲିଥିବା ଆନ୍ତଃ କଲେଜ ମହିଳା ଖୋ ଖୋ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ନିଗମାନନ୍ଦ ମହିଳା କଲେଜ ଚାରିଛକ ପୁରୀକୁ ୧୪-୧୧ ପଏଣ୍ଟ ବ୍ୟବଧାନରେ ହରାଇ ଭୁବନ ମହିଳା ଡିଗ୍ରୀ କଲେଜ ଚାମ୍ପିୟନ ହୋଇଛି। ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ୧୬ କ୍ରୀଡ଼ାବିତ୍ ରାମଦେବୀ ବିଶ୍ୱବିଦ୍ୟାଳୟ ଟିମ୍‌ରେ ଚୟନ ହୋଇଛନ୍ତି। ଉଦ୍‌ଯାପନୀ ସମାରୋହରେ ନଗରପାଳ ଶୁଭେନ୍ଦୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ୍ ଏବଂ ରନର୍ସଅପ୍ ଦଳକୁ ସମ୍ମାନିତ କରିଥିଲେ। ପାଠପଢ଼ା ସହ କ୍ରୀଡ଼ା ଉପରେ ଛାତ୍ରୀଛାତ୍ର ଗୁରୁତ୍ୱ ଦେବା ଆବଶ୍ୟକ। ଭୁବନରେ ଏଭଳି ଏକ ପ୍ରତିଯୋଗିତାର ଆୟୋଜନ କରାଯିବା ଗୌରବର କଥା ବୋଲି ସେ କହିଥିଲେ। ଅତିଥି ଭାବେ ଡିଗ୍ରୀ କଲେଜ ଅଧ୍ୟକ୍ଷ ଦିଲୀପ ଦାସ, କଲେଜର ପୂର୍ବତନ ସମ୍ପାଦକ ଦେବବ୍ରତ ପୃଷ୍ଟି ଯୋଗଦେଇଥିଲେ।

ରମାଦେବୀ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ କୁନମୁନ୍ ବେହେରା, ରାଣୀ ଶୁକଦେଇ କଲେଜର ନିରଞ୍ଜନ ସାହୁ, ଯାଜପୁର ଇନ୍ଦିରା ଗାନ୍ଧୀ କଲେଜର ଅଶୋକ ଦାସ, ବିରଜା କଲେଜର ପ୍ରକାଶ ଲାଲ, ଗାଦିବ୍ରହ୍ମ କଲେଜର କାଦମ୍ବିନୀ ସାମନ୍ତରାୟ, ଖୋର୍ଦ୍ଧା କଲେଜର ସାଧନା ଦାସ, ନିମାପଡ଼ା ଇନ୍ଦିରା ଗାନ୍ଧୀ ମହିଳା କଲେଜର ଶୁଭ୍ରାଂଶୁବାଳା ପ୍ରଧାନ, ପୁରୀ ନିଗମାନନ୍ଦ ମହିଳା କଲେଜର ପାର୍ବତୀ ପରିଡ଼ା, ଭୁବନ ଡିଗ୍ରୀ କଲେଜର କ୍ରୀଡ଼ା ଶିକ୍ଷକ ଗଦାଧର ସାହୁ ଖେଳ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ସୁବ୍ରତ କୁମାର ମିଶ୍ର, ଅନିଲ ପ୍ରସାଦ ନନ୍ଦ, ଜୀବନଜ୍ୟୋତି ବିଶ୍ୱାଳ, ଉମାକାନ୍ତ ଦାସ, ପ୍ରହ୍ଲାଦ ସାହୁ ରେଫରି ଦାୟିତ୍ୱ ତୁଲାଇଥିଲେ। ଭୁବନ ମହିଳା କଲେଜର ଖୋ ଖୋ ମ୍ୟାନେଜର ପ୍ରଶାନ୍ତ ରାଉତରାୟ, ଅଧ୍ୟାପିକା ମମତା ପାତ୍ର, ପ୍ରମିଳା ଦାସ, ପ୍ରଣତି ବେହେରା, ଅନୁପମା ମିଶ୍ର, ସୁପ୍ତିମୟୀ ସେନ, କିରଣବାଳା ସାହୁ , କୈଳାସ ଚନ୍ଦ୍ର ପାତ୍ର, ଶୁଭମ୍ ବେହେରା, ନିରଞ୍ଜନ ନାୟକ ପ୍ରମୁଖ ସହଯୋଗ କରିଥିଲେ।

**ସଂଘର୍ଷରୁ ମିଳିଛି ସଫଳତା**



ଅନେକ ସଂଘର୍ଷ ପରେ ସଫଳତା ମିଳିଛି। ବ୍ୟକ୍ତିଗତ ପ୍ରଦର୍ଶନରେ ଖୁସି ଅଛି। ଆଗକୁ ଆହୁରି ଭଲ ଖେଳିବାକୁ ଉଦ୍ୟମ କରିବି।
-ସସ୍ମିତା ଗୋଛି, କ୍ରୀଡ଼ାବିତ୍

**ଦର୍ଶକଙ୍କ ଉତ୍ସାହ କାମ ଦେଲା**



ଖେଳ ପଡ଼ିଆ ବାହାରେ ଦର୍ଶକ ଉତ୍ସାହିତ କରିବା ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସହାୟକ ହେଲା। ଏଥିଲାଗି ଗର୍ବ ଅନୁଭବ କରୁଛି।
-ମମତା ଗୋୟା, କ୍ରୀଡ଼ାବିତ୍

**କୋଚ୍‌ଙ୍କ ପ୍ରେରଣା ସହାୟକ ହେଲା**



ଟିମ୍‌ର କେତେଜଣ ଖେଳାଳି ଆଶାଜନକ ପ୍ରଦର୍ଶନ କରି ନ ପାରିବାରୁ ଦଳ ହାରିଗଲା। ତଥାପି କୋଚ୍‌ଙ୍କ ପ୍ରେରଣା ଆଗକୁ ବଢ଼ିବାରେ ସହାୟକ ହୋଇଛି।
-ଲିଜା ସାହୁ, କ୍ରୀଡ଼ାବିତ୍

**ପରିବେଶ ସାଥ୍ ଦେଲା**



ଖେଳପଡ଼ିଆ ଏବଂ ପରିବେଶ ସାଥ୍ ଦେଲା। ସଫଳତା ପାଇବି ବୋଲି ଆଶାବାଦୀ ଥିଲି। ଶ୍ରେଷ୍ଠ କ୍ରୀଡ଼ା ପ୍ରଦର୍ଶନ କରିଥିବାରୁ ଉତ୍ସାହିତ।
-ଅନୁରାଧା ଦାଶ, କ୍ରୀଡ଼ାବିତ୍

